# NATIONAL NEWS BULLETIN (ODIA)

## 09th March - 2024

## Morning Bulletin : 7.15 a.m.

*********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ଆଶୁତୋଷ ପତି**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆସାମର ଇଟାନଗରରେ 'ବିକଶିତ ଭାରତ ବିକଶିତ ଉତ୍ତର-ପୂର୍ବ' କାର୍ଯ୍ୟକ୍ରମରେ ଯୋଗଦେବେ ।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ମରିସସ୍ ଗସ୍ତରେ ଯିବେ।
- କ୍ଷୁଦ୍ର, ଛୋଟ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ନାରାୟଣ ରାଣେ ଆଜି ମୁମ୍ବାଇର ସାକି ନାକା ଠାରେ ବହୁମୁଖୀ ପ୍ରଦର୍ଶନୀ ଓ ସମ୍ମିଳନୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ।
- ଫ୍ରାନ୍ସ ବିଧିବଦ୍ଧ ଭାବରେ ତା'ର ସମ୍ବିଧାନରେ ଗର୍ଭପାତ ଅଧିକାରକୁ ସ୍ଥାନିତ କରିବାରେ ବିଶ୍ୱର ପ୍ରଥମ ରାଷ୍ଟ୍ର ହୋଇଛି ।

ଏବଂ

- ଫ୍ରେଞ୍ଚ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍‌ରେ ଭାରତର ପୁରୁଷ ଡବଲ୍‌ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

## ପି.ଏମ୍. ଭିଜିଟ୍ କନ୍‌ସୋଲିଡେଟେଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନିଦିନିଆ ଆସାମ, ଅରୁଣାଚଳ ପ୍ରଦେଶ, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶ ଗସ୍ତରେ ଅଛନ୍ତି । ଆଜି ପ୍ରଧାନମନ୍ତ୍ରୀ ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନ ପରିଦର୍ଶନ କରିବେ । ଏହାପରେ ସେ ଇଟାନଗରରେ 'ବିକଶିତ ଭାରତ ବିକଶିତ ଉତ୍ତର-ପୂର୍ବ' କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ସେ ସେଲା ଟନେଲ୍‌କୁ ଲୋକାର୍ପଣ କରିବା ସହିତ ୧୦ ହଜାର କୋଟି ଟଙ୍କା ମୂଲ୍ୟର 'ଉନ୍ନତି' ଯୋଜନାର ଶୁଭାରମ୍ଭ କରିବେ । ସେ ମଧ୍ୟ ମଣିପୁର, ମେଘାଳୟ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା ଓ ଅରୁଣାଚଳ ପ୍ରଦେଶ ପାଇଁ ୫୫ ହଜାର ୬୦୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହାପରେ ପ୍ରଧାନମନ୍ତ୍ରୀ ଜୋରାହାଟରେ ଆଜି ବିଶିଷ୍ଟ ଅହୋମ୍ ଜେନେରାଲ୍ ଲଚିତ୍ ବୋର୍‌ଫୁକନ୍‌ଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିବେ । ଜୋରାହାଟ୍‌ରେ ସେ ମଧ୍ୟ ଏକ ଜନସଭାରେ ଉଦ୍‌ବୋଧନ ଦେବା ସହିତ ସେଠାରେ ଆସାମ ପାଇଁ ୧୭

ହଜାର ୫୦୦ କୋଟି ଟଙ୍କା ମୂଲ୍ୟର କେତେକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ପରେ ଅପରାହ୍ଣରେ ସେ ପଶ୍ଚିମବଙ୍ଗର ଶିଲିଗୁଡ଼ିରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ । ସେଠାରେ ସେ ୪ ହଜାର ୫୦୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ବାରାଣାସୀରେ ପହଞ୍ଚି କାଶୀ ବିଶ୍ୱନାଥ ମନ୍ଦିରରେ ସନ୍ଧ୍ୟାଦର୍ଶନ କରିବା ସହ ସେଠାରେ ପୂଜାର୍ଚ୍ଚନା କରିବେ ।

ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଉତ୍ତର ପ୍ରଦେଶରେ ୪୨ ହଜାର କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ପରେ ଆସନ୍ତାକାଲି ଅପରାହ୍ଣରେ ସେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଛତିଶଗଡ଼ର 'ମହାତାରି ବନ୍ଦନା ଯୋଜନା'ର ହିତାଧିକାରୀମାନଙ୍କୁ ପ୍ରଥମ କିସ୍ତି ବଣ୍ଟନ କରିବେ ।

## ପ୍ରେସିଡେଣ୍ଟ - ମରିସସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ମରିସସ୍ ଗସ୍ତରେ ଯିବେ। ୧୨ ତାରିଖରେ ମରିସସ୍ ନ୍ୟାସନାଲ୍ ଡେ' ଉତ୍ସବରେ ସେ ମୁଖ୍ୟ ଅତିଥି ହେବେ। ଏହି ସମୟରେ ସେ ମରିସସ୍

ରାଷ୍ଟ୍ରପତି ପୃଥ୍ୱୀରାଜ ସିଂ ରୁପୁନ ଓ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନ୍ନାଥଙ୍କ ସହ କଥାବାର୍ତ୍ତା କରିବେ। ଶ୍ରୀମତୀ ମୁର୍ମୁ ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସାକ୍ଷାତ କରିବେ। ରାଷ୍ଟ୍ରପତି ମୁର୍ମୁ ଓ ପ୍ରଧାନମନ୍ତ୍ରୀ ଜଗନ୍ନାଥ ଭାରତ ସହାୟତାରେ ୧୪ଟି ପ୍ରକଳ୍ପକୁ ମିଳିତ ଭାବେ ଉଦ୍‌ଘାଟନ କରିବେ।

ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଅନେକ ଦ୍ୱିପକ୍ଷୀୟ ରାଜିନାମା ସ୍ୱାକ୍ଷରିତ ହେବ। ସେହି ରାଜିନାମା ଗୁଡ଼ିକ ଦ୍ୱିପକ୍ଷୀୟ ଅନୁଷ୍ଠାନଗତ ସହଯୋଗ ବୃଦ୍ଧି ଓ ଦକ୍ଷତା ବୃଦ୍ଧି ପାଇଁ ଉଦ୍ଦିଷ୍ଟ।

ଶ୍ରୀମତୀ ମୁର୍ମୁ ପାମ୍ପଲିମୋସେସ୍ ବୋଟାନିକାଲ ଗାର୍ଡେନ ଠାରେ ମରିସସ୍ ନେତାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ଓ ଐତିହାସିକ ଏବଂ ସାଂସ୍କୃତିକସ୍ଥଳୀ ଗୁଡ଼ିକୁ ପରିଦର୍ଶନ କରିବେ। ସେହି ସ୍ଥଳୀ ଗୁଡ଼ିକ ମଧ୍ୟରେ ଆପ୍ରାବାସୀ ଘାଟ, ଇଣ୍ଟର କଣ୍ଟିନେଣ୍ଟାଲ ସ୍ଲେଭେରୀ ମ୍ୟୁଜିୟମ ଓ ଗଙ୍ଗା ତଲାବ ରହିଛି। ସେ ମରିସସ୍ ବିଶ୍ୱବିଦ୍ୟାଳୟ ଠାରେ ଯୁବାମାନଙ୍କୁ ଉଦ୍‌ବୋଧନ ଦେବେ। ଏହାବ୍ୟତୀତ ସାମାଜିକ, ସାଂସ୍କୃତିକ ସଂଗଠନ ଓ ପ୍ରବାସୀ ଭାରତୀୟମାନଙ୍କୁ ସେ ଉଦ୍‌ବୋଧନ ଦେବେ।

## ଅମିତ୍ ଶାହା - କୋଅପରେଟିଭ୍

ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଦେଶର ବିକାଶରେ ସମବାୟ ସମିତିଗୁଡ଼ିକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସରକାର ସମବାୟ ସମିତି ଗୁଡ଼ିକୁ ଅଧିକ ସମର୍ଥ କରିବାକୁ ବଚନବଦ୍ଧ। ନୂଆଦିଲ୍ଲୀରେ ସେ ଜାତୀୟ

ସମବାୟ ଡାଟାବେସ୍‌ର ଶୁଭାରମ୍ଭ କରିଛନ୍ତି। ସେହି ଡାଟାବେସ୍‌ରେ ୮ ଲକ୍ଷ ସମବାୟ ସମିତି ସମ୍ବନ୍ଧରେ ତଥ୍ୟ ରହିଛି। ଶ୍ରୀ ଶାହା କହିଛନ୍ତି, ଏହି ଡାଟାବେସ୍‌ର ଆରମ୍ଭ ସମବାୟ ସମିତି ଗୁଡ଼ିକୁ ଅଧିକ ସ୍ୱଚ୍ଛ, ସହଜ ଓ ସମୃଦ୍ଧ କରିବା ଦିଗରେ ବଡ଼ ପଦକ୍ଷେପ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ **ସାହାକାର ସେ ସମ୍ରିଦ୍ଧି** ସହ ସରକାରଙ୍କ ଉଦ୍ୟମର ମିଶ୍ରଣ ଘଟି ଭାରତର ସମବାୟ କ୍ଷେତ୍ର ଅଧିକ ସୁଦୃଢ଼ ହେବାକୁ ଯାଉଛି।

ଭାରତକୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ଏହା ସାହାଯ୍ୟ କରିବ। ଶ୍ରୀ ଶାହା **ଜାତୀୟ ସମବାୟ ଡାଟାବେସ-୨୦୨୩: ଏକ ରିପୋର୍ଟ** କୁ ଉନ୍ମୋଚନ କରିଛନ୍ତି। ବିଭିନ୍ନ ସରକାରୀ ବିଭାଗ ଓ ସମବାୟ ସଂସ୍ଥା ଗୁଡ଼ିକର ୧୪ ଶହରୁ ଅଧିକ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିଥିଲେ।

## କଂଗ୍ରେସ - କ୍ୟାଣ୍ଡିଡେଟ୍‌ସ

ଆଗାମୀ ଲୋକସଭା ନିର୍ବାଚନ ପାଇଁ କଂଗ୍ରେସ ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରିଛି । ଏଥିରେ ୩୯ ଜଣଙ୍କ ନାମ ରହିଛି । ସେଥିମଧ୍ୟରେ ୧୫ ଜଣ ସାଧାରଣ ବର୍ଗ ଏବଂ ୨୪ ଜଣ ହେଉଛନ୍ତି ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ପ୍ରାର୍ଥୀ । ତାଲିକାରେ ଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୨ ଜଣଙ୍କର ବୟସ ୫୦ ବର୍ଷରୁ କମ୍

ରହିଛି । କଂଗ୍ରେସ ସାଂସଦ ରାହୁଲ୍ ଗାନ୍ଧିଙ୍କୁ ୱାୟନାଡ଼ରୁ ପୁଣି ପ୍ରାର୍ଥୀ କରାଯାଇଛି । କେରଳର ତିରିବନନ୍ତପୁରରୁ ଶଶୀ ଥରୁର୍‌ଙ୍କୁ ଓ ଛତିଶଗଡ଼ର ରାଜନନ୍ଦଗାଓଁ ଆସନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ୍‌ଙ୍କୁ ପ୍ରାର୍ଥୀ କରାଯାଇଛି । ଆସନ୍ତା ୧୧ ତାରିଖରୁ କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟିର ପରବର୍ତ୍ତୀ ବୈଠକ ବସିବ । ସେଥିରେ ଅନ୍ୟ ଆସନ ଗୁଡ଼ିକ ବିଷୟରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି ।

## ଉତ୍ତରାଖଣ୍ଡ - କେଦାର ଧାମ

ଉତ୍ତରାଖଣ୍ଡରେ ଜ୍ୟୋତର୍ଲିଙ୍ଗ ଶ୍ରୀ କେଦାରନାଥ ଧାମର ଫାଟକ ମେ ମାସ ୧୦ ତାରିଖ ସକାଳ ୭ଟାରେ ଖୋଲାଯିବ । ଗତକାଲି ମହାଶିବରାତ୍ରି ଅବସରରେ ମନ୍ଦିରର ଫାଟକ ଖୋଲିବା ସମ୍ବନ୍ଧରେ ଘୋଷଣା କରାଯାଇଛି । ବଦ୍ରିନାଥ-କେଦାରନାଥ ମନ୍ଦିର କମିଟିଙ୍କ କହିବା ଅନୁସାରେ ପଞ୍ଚମୁଖୀ ଡୋଲି କେଦାରନାଥ ଧାମ ଅଭିମୁଖେ ମେ ମାସ ୬ ତାରିଖରେ ଯାତ୍ରା କରିବ । ଏହା ୯ ତାରିଖରେ କେଦାରନାଥ ଧାମରେ ପହଞ୍ଚିବ ।

## ଏମ୍.ଏସ୍.ଏମ୍.ଇ. - ଏକ୍ଜିବିସନ୍

କ୍ଷୁଦ୍ର, ଛୋଟ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ନାରାୟଣ ରାଣେ ଆଜି ମୁମ୍ବାଇର ସାକି ନାକା ଠାରେ ବହୁମୁଖୀ ପ୍ରଦର୍ଶନୀ ଓ ସମ୍ମିଳନୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। **MSME** ରାଷ୍ଟ୍ରମନ୍ତ୍ରୀ ଭାନୁ ପ୍ରତାପ ସିଂ ବର୍ମା ସେଠାରେ ଉପସ୍ଥିତ ରହିବେ। ମନ୍ତ୍ରଣାଳୟ କହିଛି, ଏହି ଅବସରରେ ମନ୍ତ୍ରୀଦ୍ୱୟ **MSME** ବିକାଶ ଓ ସୁବିଧା କାର୍ଯ୍ୟାଳୟର ଶାଖାକୁ ଉଦ୍‌ଘାଟନ କରିବେ। ପି.ଏମ୍. ବିଶ୍ୱକର୍ମା ଖଦୀ ଓ ଗ୍ରାମଦ୍ୟୋଗ କମିଶନ ଏବଂ କୟର ବୋର୍ଡର ୧୦୦ଟି ଦୋକାନ ଖୋଲାଯିବ। ମନ୍ତ୍ରଣାଳୟ କହିଛି, ଅଧିକାଂଶ ଦୋକାନ ଇନକ୍ୟୁବଟେର, ମହିଳା ଉଦ୍ୟୋଗପତି ଓ ଅନୁସୂଚିତ ଜାତି ଓ ଉପଜାତିର ଉଦ୍ୟୋଗପତି ମାନଙ୍କୁ ଦିଆଯାଇଛି। ମନ୍ତ୍ରଣାଳୟ ନ୍ୟାସନାଲ **SC/ST** ହବ୍ ହିତାଧିକାରୀମାନଙ୍କୁ ସମ୍ମାନିତ କରିବ।

## ଫ୍ରାନ୍ସ - ଆବର୍ସନ୍ ରାଇଟ୍

ଫ୍ରାନ୍ସ ବିଧିବଦ୍ଧ ଭାବରେ ତା'ର ସମ୍ବିଧାନରେ ଗର୍ଭପାତ ଅଧିକାରକୁ ସ୍ଥାନିତ କରିବାରେ ବିଶ୍ୱର ପ୍ରଥମ ରାଷ୍ଟ୍ର ହୋଇଛି । ଗତକାଲି ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଏକ ଉତ୍ସବ ଅବସରରେ ଫ୍ରାନ୍ସ ଗର୍ଭପାତ

ଅଧିକାରକୁ ତା'ର ସମ୍ବିଧାନରେ ସ୍ଥାନିତ କରିଛି । ଚଳିତ ସପ୍ତାହ ଏକ ସାମ୍ବିଧାନିକ ସଂଶୋଧନ କରି ଫ୍ରାନ୍ସର ସଂସଦ ଗର୍ଭପାତ ଅଧିକାର ବିଲ୍‌କୁ ପାରିତ କରିଥିଲା । ଗତକାଲି ଆନ୍ତର୍ଜାତିକ ମହିଳା ଦିବସରେ ଏହାକୁ ସମ୍ବିଧାନରେ ସାମିଲ୍ କରାଯିବା ଅବସରରେ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍ କହିଛନ୍ତି, ସମଗ୍ର ୟୁରୋପ୍‌ରେ ମହିଳାମାନଙ୍କୁ ଗର୍ଭପାତ କରିବାର ଅଧିକାର ନ ମିଳିବା ଯାଏ ସେ ତାଙ୍କର ଅଭିଯାନ ଜାରି ରଖିବେ ।

## ନାଇଜେରିଆ - ଅବଡକ୍‌ସନ୍

ନାଇଜେରିଆର ଉତ୍ତର-ପୂର୍ବ ଅଞ୍ଚଳରେ ବନ୍ଧୁକଧାରୀମାନେ ଗୋଟିଏ ସ୍କୁଲ୍ ଉପରେ ଆକ୍ରମଣ କରି ୨୮୭ ଜଣ ଛାତ୍ରଙ୍କୁ ଅପହରଣ କରି ନେଇଛନ୍ତି । ସ୍ଥାନୀୟ ଅଧିବାସୀଙ୍କ ସୂଚନା ଅନୁଯାୟୀ ବନ୍ଧୁକଧାରୀମାନେ କୁରିଗା ସହର ଅନ୍ତର୍ଗତ କାଦୁନା ସରକାରୀ ବିଦ୍ୟାଳୟକୁ ସକାଳ ୮ଟାରେ ଘେରାଉ କରିଥିଲେ । ପରେ ସେମାନେ ୨୮୭ ଜଣ ଛାତ୍ରଙ୍କୁ ଅପହରଣ କରି ନେଇଥିଲେ । ଏହି ଅପହରଣପାଇଁ କୌଣସି ଗୋଷ୍ଠୀ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରି ନାହାନ୍ତି । ପିଲାମାନଙ୍କୁ ନିରାପଦରେ ଉଦ୍ଧାର କରାଯିବ ବୋଲି କାଦୁନା ର ଗଭର୍ଣ୍ଣର ସ୍ଥାନୀୟ ଲୋକମାନଙ୍କୁ ଆଶ୍ୱାସନା ଦେଇଛନ୍ତି । ସେଠାରେ ୨୦୧୪ ମସିହାରୁ ଇସ୍‌ଲାମିକ୍ ସନ୍ତ୍ରାସବାଦୀମାନଙ୍କଦ୍ୱାରା

ଅଧିକାଂଶ ସମୟରେ ଏହିଭଳି ଅପହରଣ କରାଯାଉଛି । ୨୦୧୪ ମସିହାରେ ଚିବକ୍ ଗ୍ରାମରୁ ୨୦୦ ଜଣ ଛାତ୍ରୀଙ୍କୁ ଅପହରଣ କରି ନିଆଯାଇଥିଲା ।

## ଫ୍ରେଞ୍ଚ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍

ଫ୍ରେଞ୍ଚ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍‌ରେ ଭାରତର ପୁରୁଷ ଡବଲ୍‌ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଗତକାଲି ଅନୁଷ୍ଠିତ କ୍ୱାର୍ଟର୍ ଫାଇନାଲ୍‌ରେ ସେମାନେ ଥାଇଲାଣ୍ଡର ସୁପାକ୍ ଜୋମ୍‌କୋ ଓ କିଟ୍ଟିନୁପୋଙ୍ଗ୍ କେଡ୍ରେନ୍‌ଙ୍କୁ ସହଜରେ ୨୧-୧୯ ଓ ୨୧-୧୩ ସେଟ୍‌ରେ ପରାସ୍ତ କରିଛନ୍ତି । ଆଜି ସାତ୍ତ୍ୱିକ ଓ ଚିରାଗ ସେମିଫାଇନାଲ୍‌ରେ ତୃତୀୟ ସିଡ୍‌ରେ ଦକ୍ଷିଣ କୋରିଆର ଯୋଡ଼ି କାଙ୍ଗ୍ ମିନ୍-ହ୍ୟୁକ୍ ଓ ସିଓ ସିଉଙ୍ଗ୍ ଜାଏଙ୍କ ସହ ମୁକାବିଲା କରିବେ । ପୁରୁଷ ଏକକ ବିଭାଗରେ ଲକ୍ଷ୍ୟ ସେନ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍‌ସ୍‌ରେ ଭାରତର ପି.ଭି. ସିନ୍ଧୁ କ୍ୱାର୍ଟର ଫାଇନାଲ୍‌ରେ ପରାସ୍ତ ହୋଇଛନ୍ତି । ସେ କ୍ୱାର୍ଟର୍‌ରେ ଅଲିମ୍ପିକ୍‌ସ ଚାମ୍ପିୟନ୍ ଦ୍ୱିତୀୟ ସିଚେନ୍ ୟୁ ଫେଇଙ୍କ ଠାରୁ ହାରି ଯାଇଛନ୍ତି । ମହିଳା ଡବଲ୍‌ସରେ

ଭାରତୀୟ ଯୋଡ଼ି ଟେରେସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମଧ୍ୟ ପରାଜିତ ହୋଇ ଟୁର୍ଣ୍ଣାମେଣ୍ଟ୍‌ରୁ ବାଦ୍ ପଡ଼ିଛନ୍ତି ।

## କ୍ରିକେଟ୍

ଭାରତ ଇଂଲଣ୍ଡ ମଧ୍ୟରେ ଚାଲିଥିବା ପଞ୍ଚମ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଭାରତ ଇଂଲଣ୍ଡ ବିପକ୍ଷରେ ମଜବୁତ ସ୍ଥିତିରେ ରହିଛି । ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୮ ଓ୍ୱିକେଟ୍ ହରାଇ ତା'ର ପ୍ରଥମ ଇନିଙ୍ଗ୍‌ସ୍‌ରେ ୪୭୩ ରନ୍ ସଂଗ୍ରହ କରିଛି । ଏହି ମ୍ୟାଚ୍‌ରେ ରୋହିତ ଶର୍ମା ଓ ଶୁଭମନ୍ ଗିଲ୍ ଉଭୟ ଶତକ ହାସଲ କରିଥିବାବେଳେ ସର୍ଫରାଜ ଅହମ୍ମଦ ଓ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳୁଥିବା ଦେବଦତ୍ତ ପାଡିକଲ୍ ଅର୍ଦ୍ଧଶତକ ହାସଲ କରିଛନ୍ତି । ଚଳିତ ଟେଷ୍ଟରେ ଅଧିନାୟକ ରୋହିତ ଶର୍ମା ୧୦୩ ରନ୍ ସଂଗ୍ରହ କରି ୪୮ତମ ଆନ୍ତର୍ଜାତିକ ଶତକ ହାସଲ କରିଛନ୍ତି । ଏହାଫଳରେ ସେ ବିଶିଷ୍ଟ ଭାରତୀୟ ବ୍ୟାଟ୍‌ସ୍‌ମ୍ୟାନ୍ ରାହୁଲ୍ ଦ୍ରାବିଡ୍ ଓ ସୁନିଲ୍ ଗାଭାସ୍କରଙ୍କ ସହ ସମକକ୍ଷ ହୋଇଛନ୍ତି ।

# ଡବ୍ଲ୍ୟୁ.ପି.ଏଲ୍.

ମହିଳା ପ୍ରିମିୟର ଲିଗ୍‌ରେ ୟୁ.ପି. ୱାରିୟର୍ସ ଦିଲ୍ଲୀ କ୍ୟାପିଟାଲ୍‌ସ୍‌କୁ ୧ ରନ୍‌ରେ ହରାଇଦେଇଛି । ଗତକାଲି ଅନୁଷ୍ଠିତ ଏହି ମ୍ୟାଚ୍‌ରେ ୟୁ.ପି. ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ୧୩୮ ରନ୍ କରିଥିଲା । ଏହାର ଜବାବରେ ଦିଲ୍ଲୀ କ୍ୟାପିଟାଲ୍‌ସ୍ ଗୋଟିଏ ବଲ୍ ବାକିଥାଇ ୧୩୭ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା । ଚଳିତ ମହିଳା ଚଳିତ ପ୍ରିମିୟର ଲିଗ୍‌ରେ ଗତକାଲି ୟୁ.ପି. ୱାରିୟର୍ସ୍ ଦଳର ଦୀପ୍ତି ଶର୍ମା ପ୍ରଥମ ହ୍ୟାଟ୍ରିକ୍ ହାସଲ କରିବା ସହିତ ମ୍ୟାଚ୍‌ରେ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିବାରୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ ।

*****